# Akashvani, Sambalpur

## SAMBALPURI NEWS EVENING BULLETIN

## 10 August 2026-7.02- 7.12 pm.

---

୧- ସରକାରୀ ଚାକିରୀର୍ ମୂଳ୍ ଲକ୍ଷ୍ୟ ହେଉଛେ ଜନସେବା- କହେଲେ ମୁଖ୍ୟମନ୍ତ୍ରୀ ।

- ନୂଆକରି ଚାକିରୀ ପାଇଥିବା ୧ ହଜାର୍ ୩ ଶହ ୨୬ ଝନ୍‌କୁ ଦେଲେ ନିଯୁକ୍ତି ପତ୍ର ।

୨- ରାଏଜେ ଖରିଫ୍ ଧାନ୍ ଘିନା ପ୍ରକ୍ରିୟାକେ ସହଜ୍ କର୍‌ବାର୍ ଉଦ୍ଦେଶ୍ୟଥି ବସ୍‌ଲା ଆନ୍ତଃମନ୍ତ୍ରୀସ୍ତରୀୟ କମିଟି ବୈଠକ୍ ।

୩- ରାଏଜେ ସାର୍ କଳାବଜାରୀକେ ଅଟ୍‌କାବାର୍ ଲକ୍ଷ୍ୟ ନେଇକରି କ୍ରିୟାନୁଷ୍ଠାନ୍ ଦଲ୍ ଜରିଏ କରାଯାଉଛେ ଯାଂଚ୍- କହେଲେ ସମବାୟ ମନ୍ତ୍ରୀ ।

ଆଉର୍

୪- ରାଜ୍ୟର୍ ସବୁ ଟୋଲ୍‌ଗେଟ୍‌ଥି ଇ-ଡିଟେକ୍ସନ୍ ପଦ୍ଧତି ଜରିଏ କରାଯିବା ଗାଡ଼ି ମଟର୍‌ର ବୈଧ ବୀମା ଯାଂଚ୍ ।

ମୁଖ୍ୟମନ୍ତ୍ରୀ–ନିଯୁକ୍ତିପତ୍ର ବଂଟନ      ଆଇ.ଆଣ୍ଡ୍.ପି.ଆର୍

ସର୍କାରୀ ସେବାଥି ସଫଲତା ପଦ୍‌ବୀ ଜରିଏ ନାଇଁ ମପା ଯାଏ, ଇଟା ନାଗରିକ୍ ମାନ୍‌କର୍ କାଏଁ ପରିବର୍ତନ୍ ଆନିପାରିଛେ, ସେଥି ମପାଯାଏସି ବଲି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ କହିଛନ୍ । ଭୁବ୍‌ନେଶ୍ୱର୍ ରେଲ୍ ପ୍ରେକ୍ଷାଳୟ ନ ହେଇଥିବା ୧୬ ନମ୍ବର୍ ନିଯୁକ୍ତି ମେଲା ଅବ୍‌ସରେ ଆଏଜ୍ ୯ ଟା ବିଭାଗ୍‌ଥି ୧୩ ଶହ ୨୬ ଝନ୍‌କୁ ମୁଖ୍ୟମନ୍ତ୍ରୀ ନିଯୁକ୍ତି ପତ୍ର ବାଂଟିଛନ୍ । ନୂଆଁକରି ନିଯୁକ୍ତି ପାଇଥିବା ଅଧିକାରୀମାନ୍‌କୁ ମୁଖ୍ୟମନ୍ତ୍ରୀ ଅଭିନନ୍ଦନ୍ ଜନେଇକରି କହିଛନ୍, ସର୍କାରୀ ଚାକିରୀର୍ ମୂଲ୍ ଲକ୍ଷ୍ୟ ହେଉଛେ ଜନସେବା । ଲୋକ୍‌ମାନ୍‌କର୍ ସମସ୍ୟା ଆଉ ଅଭିଯୋଗ୍‌ର ସମୟ ଭିତ୍‌ରେ ସମାଧାନ୍ କର୍‌ବାର୍‌ଟା ସେମାନ୍‌କର୍ ନୈତିକ୍ କର୍ତବ୍ୟ ଆଏ ବଲି ମୁଖ୍ୟମନ୍ତ୍ରୀ କହିଛନ୍ ।

(ଭଏସ୍ ଓଭର୍- ମୁଖ୍ୟମନ୍ତ୍ରୀ)

ସ୍ୱଛ ଆଉ ବର୍‌କସ୍ ଶାସନ୍ ଆଉ ଦକ୍ଷ, ଶୃଙ୍ଖଳିତ୍ ଆଉ ସେବା ମନୋଭାବ୍ ଅଧିକାରୀ ଆଉ କର୍ମଚାରୀମାନ୍‌କର୍ ଆବଶ୍ୟକତାକେ ନଜର୍‌ଥି ରଖିକରି ରାଏଜେ ସର୍କାରୀ ଆଉ

ବେସରକାରୀସ୍ତର ନ ବ୍ୟାପକ ନିଯୁକ୍ତି ଅଭିଯାନ୍ ମୁଲ୍ ହେଇଛେ । ୨୦୨୪ ଜୁନ୍ ମାସୁ ଆଏଜ୍‌ତକ୍ ସର୍‌କାରୀସ୍ତର୍ ନ ୪୫ ହଜାର୍ ୪ ଶହ ୮ ଝନ୍‌କୁ ନିଯୁକ୍ତି ଦିଆଯାଇସାରିଛେ ବଲି ମୁଖ୍ୟମନ୍ତ୍ରୀ କହିଛନ୍ ।

ରାଏଜେ ଶିଳ୍ପାୟନ୍‌ର ଗୁରୁତ୍ୱକେ ନଜର୍‌ଥି ରଖିକରି ଗଲା ୨ ବଛର୍ ଭିତ୍‌ରେ ସର୍‌କାର୍ ଶିଳ୍ପ ଅଭିବୃଦ୍ଧି ଲାଗି ଚେରେଷ୍ଟା ଜାରି ରଖିଛନ୍ । ଯେନ୍‌ଥିର୍ ଲାଗି ଗଲା ୨ ବଛର୍ ଭିତ୍‌ରେ ପାଖାପାଖି ୨୧ ଲାଖ୍ କୋଟି ଟଙ୍କାର୍ ପୁଞ୍ଜିନିବେଶ୍ ଆସିଛେ । ଆଉ ସେଥୁ ୨୦ ଲାଖ୍ ନିଯୁକ୍ତି ସୁଯୋଗ୍ ସୃଷ୍ଟି ହେବା ବଲି ମୁଖ୍ୟମନ୍ତ୍ରୀ କହିଛନ୍ । ଇ ଅବ୍‌ସରେ ଉପ ମୁଖ୍ୟମନ୍ତ୍ରୀ କନକ୍ ବର୍ଦ୍ଧନ୍ ସିଂହଦେଓ, ପଂଚାୟତିରାଜ୍ ମନ୍ତ୍ରୀ ରବିନାରାୟଣ୍ ନାୟକ୍, ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର୍ ମୁକେଶ୍ ମହାଲିଙ୍ଗ୍, ମତ୍ସ୍ୟ ଆଉ ପ୍ରାଣୀସମ୍ପଦ୍ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ୍ ପ୍ରମୁଖ୍ ଯୋଗ୍ ଦେଇକରି ନୂଆଁକରି ଚାକିରୀ ପାଇଥିବା ଅଧିକାରୀମାନ୍‌କୁ ଶୁଭେଚ୍ଛା ଜନେଇଛନ୍ ।

ଏଗ୍ରିଷ୍ଟେକ୍ ପରିଚୟ ପତ୍ର                    ଆଇ.ଆଣ୍ଡ୍.ପି.ଆର୍

ଆଏବା ଖରିଫ୍ ଧାନ୍ ଘିନା ଋତୁ ୨୦୨୬-୨୭ ଲାଗି ଚାଷୀ ପଞ୍ଜିକରଣ୍ ପ୍ରକ୍ରିୟାକେ ସହଜ୍ ଆଉ ସ୍ୱଚ୍ଛ କର୍‌ବାର୍ ଉଦ୍ଦେଶ୍ୟଥି ଆନ୍ତଃମନ୍ତ୍ରୀସ୍ତରୀୟ କମିଟି ବୈଠକ୍ ଆଏଜ୍ ହେଇଯାଇଛେ । ଉପମୁଖ୍ୟମନ୍ତ୍ରୀ ଆଉ କୃଷିମନ୍ତ୍ରୀ କନକ୍ ବର୍ଦ୍ଧନ୍ ସିଂହଦେଓଙ୍କର୍ ଅଧ୍ୟକ୍ଷତାଥି ହେଇଥିବା ବୈଠକ୍‌ଥି ରାଜସ୍ୱ ମନ୍ତ୍ରୀ ସୁରେଶ୍ ପୂଜାରୀ, ଖାଦ୍ୟ ଯୋଗାଣମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର, ପଂଚାୟତିରାଜ୍ ମନ୍ତ୍ରୀ ରବିନାରାୟଣ୍ ନାୟକ୍ ଆଉ ସମବାୟ ମନ୍ତ୍ରୀ ପ୍ରଦୀପ୍ ବଳସାମନ୍ତ ପ୍ରମୁଖ୍ ଉପସ୍ଥିତ୍ ଥିଲେ । ଚାଷୀମାନ୍‌କର୍ ଲାଗି ଏଗ୍ରିଷ୍ଟେକ୍ ପଞ୍ଜିକରଣ୍ ଇହାଦେ ବାଧ୍ୟତାମୂଳକ୍ ନୁହେଁ, କେନ୍‌ସି ଚାଷୀ ଧାନ୍ ବିକ୍ରିନୁ ବଂଚିତ୍ ନାଇଁ ହୁଅନ୍ ବଲି ବୈଠକ୍‌ଥି ନିଷ୍ପତି ନିଆଯାଇଛେ । ଇତାର୍ ପଞ୍ଜିକରଣ୍ ସମିଆ ଆଏବା ଅକ୍ଟୋବର୍ ମାସ୍‌ତକ୍ ଜାରି ରହେବା ବଲି ଜନାପଡ଼ିଛେ । ଏବ୍‌ତକ୍ ପାଖାପାଖି ୬ ଲାଖ୍ ଚାଷୀ ଏଗ୍ରିଷ୍ଟେକ୍ ପଞ୍ଜିକରଣ୍ କରିସାରିଛନ୍ ।

ସେନ୍ତା ଭାଗ୍‌ଚାଷୀମାନ୍‌କର୍ ଲାଗି ଗୁଟେ ଖାସ୍ ମାର୍ଗଦର୍ଶିକା ତିଆର୍ ଚାଲିଛେ । ଗଲା ଡାଲୁଆ ସମିଆଥି ମୋଟ୍ ୩ ଲାଖ୍ ୬୩ ହଜାର୍ ୫ ଶହ ୫୩ ଝନ୍ ଚାଷୀଙ୍କର୍‌ନୁ ୨୦ ଲାଖ୍ ୪୬ ହଜାର୍ ଶହେ ୮୫ ମେଟ୍ରିକ୍ ଟନ୍ ଧାନ୍ ଘିନାଯାଇଛେ । ଆଘର୍ ବଛର୍‌ନୁ ଇଥର ଅଏତ୍‌କା ଧାନ୍ ଘିନାଯାଇଛେ । ରାଏଜେ କେନ୍‌ସି ଭିଲ୍ ଚାଷୀ

ଯେନ୍ତା ଧାନ୍ ବିକ୍‌ବାର୍‌ନୁ ବଂଚିତ୍ ନାଇଁ ହୁଅନ୍ ସେଥିର୍‌ଲାଗି ସର୍‌କାର୍ ପ୍ରତିଶ୍ରୁତିବଦ୍ଧ ଆନ୍ ବଲି ବୈଠକ୍‌ନୁ ସୂଚ୍‌ନା ମିଲିଛେ ।

ସାର ମହଜୁଦ୍ ହି.ସ.

ରାଏଜେ ସାର କଲାବଜାରୀକେ ଅଟ୍‌କାବାର୍ ଲକ୍ଷ୍ୟ ନେଇକରି ସର୍‌କାର୍ ବହୁତ୍ ଜରୁରୀ ପଦକ୍ଷେପ୍ ନଉଛନ୍ । ସର୍‌କାର୍ କଲାବଜାରୀ ଯାଂଚ୍ ଲାଗି ଗୁଟେ କ୍ରିୟାନୁଷ୍ଠାନ୍ ଦଲ୍ ଗଠନ୍ କରିଛନ୍ ବଲି ସମବାୟ ମନ୍ତ୍ରୀ ପ୍ରଦୀପ୍ ବଲସାମନ୍ତ ସୂଚ୍‌ନା ଦେଇଛନ୍ । ସେ କହିଛନ୍, ରାଏଜେ ଇହାଦେ ୨ ଲାଖ୍ ୩୭ ହଜାର୍ ୨ ଶହ ୨ ଟନ୍ ସାର୍ ମହଜୁଦ୍ ଅଛେ । ୨ ଲାଖ୍ ୬ ହଜାର୍ ୩ ଶହ ୬୮ ଟନ୍ ସାର୍ ପେକ୍ସ ମାନ୍‌କୁ ବଂଟାଯିବାର୍ ସହେତେ ୧ ହଜାର୍ ୪ ଶହ ୨୬ ଟନ୍ ଡିଲର୍ ମାନ୍‌କୁ ଦିଆଯାଇଛେ । ୨୯ ହଜାର୍ ଟନ୍ ସାର୍ ସଂରକ୍ଷିତ୍ କରିକରି ରଖାଯାଇଛେ ବଲି ମନ୍ତ୍ରୀ ଶ୍ରୀ ବଲସାମନ୍ତ କହିଛନ୍ ।

ସଂସଦ୍ ଆର୍‌ଏନ୍‌ୟୁ/ ସମ୍ବଲପୁର

ନିଟ୍ ସହେତେ ଭିନ୍ ଭିନ୍ ପ୍ରସଙ୍ଗକେ ନେଇକରି ବିରୋଧୀ ଦଲର୍ ସଦସ୍ୟ ମାନ୍‌କର୍ ଜବର୍ ହୋହଲ୍ଲା ଲାଗି ସଂସଦ୍‌ର ଦୁହି ସଦନ୍‌କେ ଦୁଇଟା ଖେପେ ଉପର୍‌ବେଲା ୨ ବଜେତକ୍ ମୁଲ୍‌ତବୀ ରଖାୟାଇଥିଲା । ଉପର୍‌ବେଲା ୨ ବଜେ ଲୋକ୍‌ସେବା ଅଧିବେଶନ୍ ଫେର୍‌ଘାଏ ମୁଲ୍ ହେବାର୍ ଉତ୍‌ରୁ ଟ୍ରିବ୍ୟୁନାଲ୍ ସଂସ୍କାର୍ ବିଲ୍ ଗୃହିତ୍ ହେଇଛେ । ଆଇନ୍ ଆଉ ନ୍ୟାୟ ରାଷ୍ଟ୍ରମନ୍ତ୍ରୀ ଅର୍ଜୁନ୍ ରାମ୍ ମେଘ୍‌ୱାଲ୍ ବିରୋଧୀ ମାନ୍‌କର୍ ହୋହଲ୍ଲା ଭିତ୍‌ରେ ଇ ବିଲ୍‌କେ ଆଗତ୍ କରିଥିଲେ । ଭିନ୍ ଭିନ୍ ଟ୍ରିବ୍ୟୁନାଲ୍‌ର ଅଧକ୍ଷ ଆଉ ସଦସ୍ୟମାନ୍‌କର୍ ଯୋଗ୍ୟତା ଆଉ ନିଯୁକ୍ତିକେ ସୁନିଶ୍ଚିତ୍ କର୍‌ବାର୍, ପ୍ରଶାସନିକ୍ କାର୍ଯ୍ୟଧାରାଥି କୁଶଳତା, ସ୍ୱାଧୀନତା ଆଉ ପାରଦର୍ଶିତା ବଢ଼ାବାର୍ ଲାଗି ଇ ବିଲ୍‌ଥି ବ୍ୟବସ୍ଥା ରହିଛେ । ଜାତୀୟ ଟ୍ରିବ୍ୟୁନାଲ୍ କମିଶନ୍ ଗଠନ୍‌କେ ନେଇକରି ଭିଲ୍ ବିଲ୍‌ଥି ପ୍ରସ୍ତାବ୍ ରହିଥିବା ସେ ଗୃହ ନ ସୂଚ୍‌ନା ଦେଇଥିଲେ । ତାର୍ ଉତ୍‌ରୁ ହୋହଲ୍ଲା ଜାରି ରହେବାର୍‌ନୁ ଲୋକ୍‌ସଭାକେ ଆଏବା କାଏଲ୍ ସଖାଲର୍ ୧୧ ବଜେତକ୍ ମୁଲ୍‌ତବୀ ଘୋଷ୍‌ନା କରାୟାଇଛେ ।

ପରିବହନ୍ ମନ୍ତ୍ରୀ ଭୁବ୍‌ନେଶ୍ୱର୍ ସମ୍ବାଦଦାତା

ରାଏଜେ ଚଲାଚଲ୍ କରୁଥିବା ବହୁତ୍‌ଟେ ଗାଡ଼ି ମଟ୍‌ର ବୈଧ ବୀମା ନାଇଁଥିବା ପ୍ରସଙ୍ଗକେ ନେଇକରି ପରିବହନ୍ ମନ୍ତ୍ରୀ ବିଭୂତି ଭୂଷଣ୍ ଜେନା ଉଦ୍‌ବେଗ ପ୍ରକାଶ୍ କରିଛନ୍ । ସୁପ୍ରିମ୍‌କୋର୍ଟଙ୍କର୍ ନିର୍ଦ୍ଦେଶ୍‌ଥି ମୋଟର ଯାନ ନିୟମାବଲୀର୍ ପୁରା କାର୍ଯ୍ୟକାରିତାକେ ସୁନିଶ୍ଚିତ୍ କର୍‌ବାର୍‌କେ ବିଭାଗୀୟ ଅଧିକାରୀମାନ୍‌କୁ କଡ଼ା କାର୍ଯ୍ୟାନୁଷ୍ଠାନ୍ ନେବାର୍ ଲାଗି ନିର୍ଦ୍ଦେଶ୍ ଦିଆଯାଇଛେ । ଇ ପରିପ୍ରେକ୍ଷୀଥି ରାଜ୍ୟର୍ ସବୁ ଟୋଲ୍‌ଗେଟ୍‌ଥି ଇ-ଡିଟେକ୍ସନ୍ ପଦ୍ଧତି ଜରିଏ ଗାଡ଼ି ମଟର୍‌ର ବୈଧ ବୀମା, ଫିଟ୍‌ନେସ୍ ଆଉ ପ୍ରଦୂଷଣ୍ ପ୍ରମାଣ୍‌ପତ୍ର ସ୍ୱୟଂକ୍ରିୟ ଯାଂଚ୍ କରାଯିବା । ଆଉ ସଠିକ୍ କାଗଜ୍‌ପତର୍ ନାଇଁଥିବା ଗାଡ଼ିମଟର୍ ବିରୋଧିଥି ତୁର୍‌ତି ଇ-ଚାଲାଣ୍ ଜାରି କରାଯିବା । ଆଉ ବାର୍‌ବାର୍ ନିୟମ୍ ଭାଙ୍ଗୁଥିବା ଲୁକ୍‌କର୍ ବିରୋଧିଥି ପଞ୍ଜିକରଣ୍ ପ୍ରମାଣ୍‌ପତ୍ର ରଦ୍ଦ ଆଉ ଗାଡ଼ି ଜବତ୍ ବାଗିର୍ ପଦକ୍ଷେପ୍ ନିଆଯିବା । ସଡ଼କ୍ ଦୁର୍ଘଟଣାଗ୍ରସ୍ତ ମାନ୍‌କୁ ଠିକ୍ ସମିଆଥି କ୍ଷତିପୂରଣ୍ ଦେବାର୍‌ଟାକେ ସୁନିଶ୍ଚିତ୍ କର୍‌ବାର୍ ଲାଗି ବୈଧ ବୀମା ଜରୁରୀ ଆଏ ବଲି କହିକରି ବିଭାଗ୍ ତର୍‌ଫୁ ସବୁ ଗାଡ଼ି ମାଲିକ୍‌ମାନ୍‌କୁ

ତୁର୍ତି ବୀମା ଆଉ ପ୍ରଦୂଷଣ୍ ପ୍ରମାଣ୍‌ପତ୍ର ନବୀକରଣ୍ କର୍‌ବାର୍‌କେ ପରାମର୍ଶ ଦିଆଯାଇଛେ ।

ସିଂହ ଦିବସ ଆର୍‌ଏନ୍‌ୟୁ କଟକ୍

ଜୈବ ବିବିଧତା ଆଉ ପରିବେଶ୍ ସନ୍ତୁଲନ୍‌ଥି ସିଂହମାନ୍‌କର୍ ଗୁରୁତ୍ୱ ଆଉ ସୁରକ୍ଷା ବାବ୍‌ଦେ ଲୁକ୍‌କୁ ସଚେତନ୍ କର୍‌ବାର୍ ଉଦ୍ଦେଶ୍‌ଥି ଆଏଜ୍ ବିଶ୍ୱ ସିଂହ ଦିବସ୍ ପାଲନ୍ କରାଯାଉଛେ । ଜଙ୍ଗଲ୍ ନ ସିଂହମାନେ ଭୁଗୁଥିବା ଭିନ୍ ଭିନ୍ ସମସ୍ୟା ବାବ୍‌ଦେ ସଚେତନତା ସୃଷ୍ଟି କର୍‌ବାର୍ ଲାଗି ୨୦୧୩ ଅଗଷ୍ଟ ୧୦ ତାରିଖ୍ ଦିନ ପହେଲା ବିଶ୍ୱ ସିଂହ ଦିବସ୍ ପାଲନ୍ କରାଯାଇଥିଲା । ଅନ୍ତର୍ଜାତୀୟ ପ୍ରକୃତି ସଂରକ୍ଷଣ୍ ସଂଘ ଆଇୟୁସିଏନ୍ ର ଆକଲନ୍ ଅନ୍‌ସାରେ ସାରା ପୁର୍‌ଥି ନ ସିଂହମାନ୍‌କର୍ ସଂଖ୍ୟା ୨୩ ହଜାର୍‌ନୁ ୩୯ ହଜାର୍ ଭିତ୍‌ରେ ରହିଛେ । ପଶ୍ଚିମ ମଧ୍ୟ ଆଉ ପୂର୍ବ ଆଫ୍ରିକା ନ ସିଂହମାନ୍‌କର୍ ସଂଖ୍ୟା ଖୋବ୍ ଜୋର୍‌ରେ କମୁଛେ । ୨୦୨୫ଥି କରାଯାଇଥିବା ସିଂହ ଗଣନା ଅନ୍‌ସାରେ ଦେଶେ ଇମାନ୍‌କର୍ ସଂଖ୍ୟା ୮ ଶହ ୯୧ ରହିଛେ ।

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଇ ଦିବସ୍ ଅବ୍‌ସରେ କହିଛନ୍, ଭାରତ୍ ନ ଏସୀୟ ସିଂହ ସଂଖ୍ୟା ବଢ଼୍‌ବାର୍‌ଥି ଲାଗିଛେ । ସେମାନ୍‌କର୍ ରହେବାର୍ ଜାଗା ଆଉ ପରିସର୍ ଭିଲ୍ ବଢୁଛେ । କେନ୍ଦ୍ରମନ୍ତ୍ରୀ ଭୂପେନ୍ଦ୍ର ଯାଦବ୍ ଲେଖିଥିବା ଆଲେଖ୍ୟ ଉପ୍‌ରେ ପ୍ରଧାନ୍‌ମନ୍ତ୍ରୀ ଶ୍ରୀ ମୋଦୀ ଦେଶର୍ ବନ୍ୟପ୍ରାଣୀମାନ୍‌କର୍ ସଂରକ୍ଷଣ୍ ଆଉ ସୁରକ୍ଷା ଦିଗେ ସର୍‌କାର୍‌ଙ୍କର୍ ଅଙ୍ଗୀକାର୍‌ବଦ୍ଧତା ବାବ୍‌ଦେ କହିଛନ୍ । ସିଂହ ପ୍ରଜାତିକେ ଆଏବା ପିଢ଼ି ଲାଗି ସଂରକ୍ଷିତ୍ ରଖିବାର୍ ଗୁଟେ ପ୍ରେରଣାଦାୟକ୍ ପଦକ୍ଷେପ୍ ଆଏ ବଲି ଶ୍ରୀ ମୋଦୀ କହିଛନ୍ ।

ହର୍ ଘର୍ ତ୍ରିରଙ୍ଗା            ସୁବର୍ଣ୍ଣପୁର୍/ ବୌଦ୍ଧ ସମ୍ବାଦଦାତା

ସୁବର୍ଣ୍ଣପୁର୍ ଜିଲ୍ଲା ପ୍ରଶାସନ୍ ତର୍‌ଫୁ ଉସତ୍ ଉସ୍‌ନାକି ସହେତେ ହର୍ ଘର୍ ତ୍ରିରଙ୍ଗା ଅଭିଯାନ୍ କାର୍ଯ୍ୟକ୍ରମ୍ ପାଲିତ୍ ହେଇଯାଇଛେ । ବିନ୍‌କା ବିଜ୍ଞପିତ୍ ଅଂଚଲ୍ ନ ଜିଲ୍ଲା ପ୍ରଶାସନ୍ ତର୍‌ଫୁ ଗୁଟେ ଶୋଭାଯାତ୍ରାର୍ ଆୟୋଜନ୍ କରାଯାଇଥି । ମହାନଦୀ ପାପକ୍ଷୟ

ଘାଟ୍‌ନୁ ବାହାରିଥିବା ଇ ପଦଯାତ୍ରା ସିଦ୍ଧାର୍ଥ ମହାବିଦ୍ୟାଳୟ ନ ପୁହୁଁଚିଥିଲା ।

ବୌଦ୍ଧ ଜିଲ୍ଲା ପ୍ରଶାସନ୍ ତର୍‌ଫୁ ଭିଲ୍ ଇ ଅବ୍‌ସରେ ଗୁଟେ ବାଇକ୍ ରେଲି ହେଇଯାଇଛେ । ଜିଲ୍ଲାପାଲ୍ ବିଭୂତି ଭୂଷଣ୍ ନାୟକଙ୍କର୍ ନେତୃତ୍ୱଥି ଇ ବାଇକ୍‌ରେଲି ସହର୍ ବୁଲିଥିଲା ।

ସାର କଳାବଜାରୀ-ନୂଆପଡ଼ା        ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲାପାଲ୍ ମଧୁସୂଦନ୍ ଦାସ ଜିଲ୍ଲା ନ ସାର କଳାବଜାରୀକେ ଅଟ୍‌କାବାର୍ ଲାଗି କ୍ଷେତ୍ରସ୍ତରୀୟ ସମୀକ୍ଷା କରିଛନ୍ । ଭିନ୍ ଭିନ୍ ଖୁଚୁରା ଦୁକାନ୍ ଆଉ ଗୁଦାମ୍ ଘର ବୁଲି ଦେଖିବାର୍ ସହେତେ ସାର୍ ମହଜୁଦ୍ ଆଉ ବିକ୍ରି ବାବ୍‌ଦେ ଟିକ୍‌ନିକ୍ ଯାଂଚ୍ କରିଛନ୍ । ସାରର୍ ଉପଲବ୍ଧତାକେ ନେଇକରି ଜିଲ୍ଲାପାଲ୍ ଚାଷୀମାନ୍‌କର୍ ସାଙ୍ଗେ କଥାବାର୍ତା କରିଥିବାର୍ ଜନାପଡ଼ିଛେ ।

ଅଭିଯୋଗ୍ ଶୁଣାଣି ବର୍‌ଗଡ଼୍/ ସୁବର୍ଣ୍ଣପୁର୍/ ଦେବ୍‌ଗଡ଼୍/ ବୌଦ୍ଧ

ପଶ୍ଚିମ ଓଡ଼ିଶାର୍ ଭିନ୍ ଭିନ୍ ଜିଲ୍ଲା ନ ଆଏଜ୍ ଯୁଗ୍ମ ଜନଶୁଣାଣି ଶିବିର ହେଇଯାଇଛେ ।

ସମ୍ବଲପୁର ଜିଲ୍ଲା କୁଚିଣ୍ଡା ବ୍ଲକ୍ କାର୍ଯ୍ୟାଳୟ ନ ହେଇଥିବା ଶୁଣାଣି ଶିବିର୍‌ଥି ୫୯ ଟା ଅଭିଯୋଗ ଆସିଥିଲା ।

ସୁବର୍ଣ୍ଣପୁର୍ ଜିଲ୍ଲା ବିନ୍‌କା ପଂଚାୟତ୍ ସମିତି କାର୍ଯ୍ୟାଳୟ ନ ହେଇଥିବା ଶୁଣାଣି ଶିବିର୍‌ଥି ୬୩ ଟା ଅଭିଯୋଗ ଆସିଥିବାର୍ ବେଲେ ୧୨ ଟା ଅଭିଯୋଗ୍‌ର ତୁର୍‌ତି ସମାଧାନ୍ କରାଯାଇଥିଲା ।

ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକ୍ ପଂଚାୟତ୍ ସମିତି ସମ୍ମିଳନୀ କକ୍ଷ ନ ହେଇଥିବା ଶିବିର୍‌ଥି ୭୮ ଟା ଅଭିଯୋଗ୍ ଆସିଥିଲା ।

ବର୍‌ଗଡ଼୍ ଜିଲ୍ଲା ଭେଡ଼େନ୍ ପଂଚାୟତ୍ ସମିତି କାର୍ଯ୍ୟାଳୟ ନ ହେଇଥିବା ଶିବିର୍‌ଥି ୪୩ ଟା ଅଭିଯୋଗ୍ ଆସିଥିଲା ।

ବୌଦ୍ଧ ଜିଲ୍ଲା ଚାର୍‌ଛକ୍ ନ ଥିବା ହର୍‌ଭଙ୍ଗା ସଦର୍ ବ୍ଲକ୍ କାର୍ଯ୍ୟାଳୟ ନ ହେଇଥିବା ଶିବିରଥି ଶହେ ୧୬ ଟା ଅଭିଯୋଗ ଆସିଥିବାର୍ ବେଲେ ୨୬ ଟା ଅଭିଯୋଗ୍‌ର୍ ତୁର୍‌ତି ସମାଧାନ୍ କରାଯାଇଥିଲା ।

ଦେବ୍‌ଗଡ଼୍ ଜିଲ୍ଲା ତିଲେଇବଣି ବ୍ଲକ୍ ପଂଚାୟତ୍ ସମିତି କାର୍ଯ୍ୟାଳୟ ନ ହେଇଥିବା ଶିବିରଥି ୧୬ ଟା ଅଭିଯୋଗ ଆସିଥିଲା ।

ଶିବିର୍ ମାନ୍‌କେ ଜିଲ୍ଲାପାଲ୍ ଆର୍ ଆରକ୍ଷୀ ଅଧିକ୍ଷକ ମାନେ ଅଭିଯୋଗ୍ ମାନ୍‌କୁ ଗ୍ରହଣ୍ କରିକରି ତୁର୍‌ତି ସମାଧାନ୍ କର୍‌ବାର୍‌କେ ବିଭାଗୀୟ ଅଧିକାରୀମାନ୍‌କୁ ନିର୍ଦ୍ଦେଶ୍ ଦେଇଛନ୍ ।

ଜାତୀୟ କୃମିନାଶକ୍ ଦିବସ ବୌଦ୍ଧ/ଦେବ୍‌ଗଡ଼୍ ସମ୍ବାଦଦାତା

ବୌଦ୍ଧ ଯୋଗୀନ୍ଦ୍ର ଦେବ୍ ଉଚ୍ଚବିଦ୍ୟାଳୟ ନ ସ୍ୱାସ୍ଥ୍ୟ ବିଭାଗ୍ ତର୍‌ଫୁ ଜିଲ୍ଲାସ୍ତରୀୟ ଜାତୀୟ କୃମିନାଶକ୍ ଦିବସ୍ ହେଇଯାଇଛେ । କାର୍ଯ୍ୟକ୍ରମ୍‌ଥି ଅତିଥିମାନେ କୃମିନାଶକ୍ ଉଷୋ ଖାଏବାର୍ ଉପ୍‌କାର୍ ବାବ୍‌ଦେ ବୁଝେଇକରି ଛୁଆମାନ୍‌କୁ ଉଷୋ ଖୁଏଇଥିଲେ ।

ଦେବ୍‌ଗଡ଼୍ ଜିଲ୍ଲା ଏକଲବ୍ୟ ଆବାସିକ୍ ବିଦ୍ୟାଳୟ ଠାନେ ସ୍ୱାସ୍ଥ୍ୟ ଆଉ ପରିବାର୍ କଲ୍ୟାଣ୍ ବିଭାଗ୍ ତର୍‌ଫୁ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କର୍ ଦେଖ୍‌ରେଖ୍‌ଥି ଇ ଦିବସ୍ ପାଳିତ୍ ହେଇଯାଇଛେ ।

ଜିଲ୍ଲାପାଳ୍ କବୀନ୍ଦ୍ର କୁମାର୍ ସାହୁ ମୁଖ୍ୟଅତିଥି ଭାବେ ଯୋଗ୍‌ଦେଇକରି କାର୍ଯ୍ୟକ୍ରମ୍‌କେ ଶୁଭାରମ୍ଭ କରିଥିଲେ ।

ପାଣିପାଗ୍ ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଏଜେ ସକ୍ରିୟ ଥିବା ଲଘୁଚାପ୍‌ର ପ୍ରଭାବ୍‌ଥି ଭିନ୍ ଭିନ୍ ଜାଗା ନ ବର୍ଷା ହେଇଯାଇଛେ । ଆଏବା୧୫ ତାରିଖ୍‌ତକ୍ ବର୍ଷା ଲାଗି ରହେବା ବଲି ଭୁବନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ଅନୁମାନ୍ କରିଛେ । ଆଏବା ୨୪ ଘଂଟା ଭିତ୍‌ରେ ରାଜ୍ୟର୍ ପାଖାପାଖି ସବୁ ଜିଲ୍ଲା ନ ଜବର୍ ବର୍ଷା ହେବାର୍ ସମ୍ଭାବନା ରହିଛେ ।

ହୀରାକୁଦ୍ ଜଲ୍‌ଭଣ୍ଡାର୍ ଜଲ୍‌ସ୍ତର୍ ଆଏଜ୍ ସଞ୍ଝର୍ ୬ ବଜେତକ୍ ୬ ଶହ ୧୩ ଦଶ୍‌ମିକ୍ ୭/୫ ଫୁଟ୍ ରହିଥିଲା । ଇହାଦେ ୧୨ ଟା ଗେଟ୍ ଦେଇକରି ଫି ସେକେଣ୍ଡ୍‌ଥି ଜଲ୍‌ଭଣ୍ଡାର୍‌ନୁ ୨ ଲାଖ୍ ୧୫ ହଜାର୍ ୫୭ ଘନଫୁଟ୍ ପାଏନ୍ ଛଡ଼ାଯାଉଥିବାର୍ ବେଲେ ୨ ଲାଖ୍ ୨୩ ହଜାର୍ ୮୩ ଘନଫୁଟ୍ ପାଏନ୍ ଆସୁଛେ ।